# ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ଫ୍ଲିପ୍‌କାର୍ଟ ଓ ଫିକି ପକ୍ଷରୁ ଭୁବନେଶ୍ୱରରେ ଏମ୍‌ଏସ୍‌ଏମ୍‌ଇମାନଙ୍କ ପାଇଁ କର୍ମଶାଳା ଆୟୋଜିତ

- *କର୍ମଶାଳା ପାଇଁ ଫିକି ସହିତ ଫ୍ଲିପ୍‌କାର୍ଟର ସହବନ୍ଧିତା, ଯାହାର ଟାଇଟେଲ୍ ରହିଛି 'ଓ୍ୱିନିଂ ବିଗ୍ ଅନ୍ ଇ କମର୍ସ' ଏବଂ ଏହା ଅନ୍‌ଲାଇନ୍ ବିକ୍ରିରେ ଲାଭ ପାଇବା ପାଇଁ ଏମ୍‌ଏସ୍‌ଏମ୍‌ଇମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛି*
- *ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇମାନେ ଫ୍ଲିପ୍‌କାର୍ଟର ନେତୃବୃନ୍ଦ ଓ ବିଶେଷଜ୍ଞମାନଙ୍କ ସହିତ ବାର୍ତ୍ତାଳାପ କରିବାର ସୁଯୋଗ ପାଇଛନ୍ତି*

**ଭୁବନେଶ୍ୱର, ଫେବୃଆରୀ ୨୮, ୨୦୧୯:** ଭାରତର ଅଗ୍ରଣୀ ହୋମ୍‌ଗ୍ରୋନ୍ ଇ-କମର୍ସ ବଜାର ଫ୍ଲିପ୍‌କାର୍ଟ ଫେଡରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସହିତ ସହଯୋଗିତା କରି ଏମ୍‌ଏସ୍‌ଏମ୍‌ଇମାନଙ୍କ ପାଇଁ ଭୁବନେଶ୍ୱରରେ ଏକ କର୍ମଶାଳାର ଆୟୋଜନ କରିଛି, ଯାହାର ନାମ ରହିଛି 'ଓ୍ୱିନିଂ ବିଗ୍ ଅନ୍ ଇ କମର୍ସ'। କର୍ମଶାଳାର ତୃତୀୟ ପର୍ଯ୍ୟାୟ ଦେଶର ବଭିନ୍ନ ସ୍ଥାନରେ ଆୟୋଜିତ ହୋଇଛି, ଯେଉଁମାନଙ୍କର ଉଦ୍ଦେଶ୍ୟ ରହିଛି ଏମ୍‌ଏସ୍‌ଏମ୍‌ଇମାନଙ୍କୁ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ସହିତ ଇ-କମର୍ସର ଉପାଦେୟତା ବିଷୟରେ ଅବଗତ କରାଇବା। ଏବଂ ଡିଜିଟାଲ୍ ଉପକରଣଗୁଡ଼ିକ କିପରି ବ୍ରାଣ୍ଡ ଭିଜିବିଲିଟି ଓ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ଦିଗରେ ସହାୟକ ହେଉଛି ସେମାନଙ୍କୁ ଏହା ବିଷୟରେ ଅବଗତ କରାଇଛି। ଏହି କର୍ମଶାଳା ଦୁଇ କମ୍ପାନୀଙ୍କ ମଧ୍ୟରେ ଅଂଶୀଦାରତା ସୃଷ୍ଟି କରିବାର ଫଳାଫଳ, ଯାହା ନଭେମ୍ବର ୨୦୧୯ରେ ଆରମ୍ଭ ହୋଇଥିଲା।

ଏହି କର୍ମଶାଳାଗୁଡ଼ିକ ଏମ୍‌ଏସ୍‌ଏମ୍‌ଇମାନଙ୍କୁ ପ୍ରଭାବଶାଳୀ ଓ ବ୍ୟୟସାପେକ୍ଷ ବ୍ୟବସାୟ ମାଧ୍ୟମ ସୃଷ୍ଟି କରିବା ନିମନ୍ତେ ଉତ୍ତମ ଜ୍ଞାନ ଦେବା ଉପରେ ଦୃଷ୍ଟି କେନ୍ଦ୍ରିତ କରୁଛି। ଏହାଦ୍ୱାରା ପାରମ୍ପରିକ ବାଣିଜ୍ୟ ମାଧ୍ୟମମାନଙ୍କଠାରୁ ବହାରକୁ ଆସି ସେମାନେ ସୁଯୋଗଗୁଡ଼ିକ ସୃଷ୍ଟି କରିପାରିବେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଅଞ୍ଚଳମାନଙ୍କରେ ଇନ୍‌ପୁଟ ଗ୍ରହଣ କରିଛନ୍ତି, ଯାହା ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟ ବୃଦ୍ଧି ଯୋଜନା, ଆକାଉଣ୍ଟିଂ ଓ ଟିକସ ବ୍ୟବସ୍ଥା, କ୍ୟାପିଟାଲ୍ ପରିଚାଳନା, ନୂତନ ସୁଯୋଗଗୁଡ଼ିକୁ ଚିହ୍ନଟ, ଡିଜିଟାଲ୍ ବ୍ରାଣ୍ଡ ନିର୍ମାଣର ମହତ୍ତ୍ୱ, ଡେଭେଲପିଂ ଓ ସ୍କେଲିଂ ବ୍ରାଣ୍ଡ, ଯୋଗାଣ ସୃଙ୍ଖଳ ପରିଚାଳନା ଓ ନୂତନ ଯୋଜନା ଆଦିକୁ ଆନ୍ତର୍ଭୁକ୍ତ କରୁଛି।

ଏମ୍‌ଏସ୍‌ଏମ୍‌ଇମାନେ ଅର୍ଥନିତି ଓ ଇ-କମର୍ସରେ ଏକ ଶକ୍ତ ଆବଦାନ ପ୍ରଦାନ କରିବାରେ ବଜାୟ ରଖିଛନ୍ତି ଏବଂ ଏମାନେ ଫିଜିକାଲ୍-ଆଣ୍ଡ-ମୋର୍ଟାର୍ ଉପସ୍ଥିତିଠାରୁ ଉର୍ଦ୍ଧ୍ୱରେ କ୍ଷୁଦ୍ର ବ୍ୟବସାୟମାନଙ୍କୁ ସେମାନଙ୍କ ପହଞ୍ଚତାକୁ ସଂପ୍ରସାରିତ କରିବା

ତଥା ସେମାନଙ୍କୁ ପ୍ୟାନ୍ ଇଣ୍ଡିଆ ଗ୍ରାହକ ଭିତ୍ତିରେ ପରିଣତ କରିବା ପାଇଁ ଏକ ଶକ୍ତିଶାଳୀ ସକ୍ରିୟକାରୀ ଅଟନ୍ତି । ଭାରତୀୟ ଇ-କମର୍ସ ଉଦ୍ୟୋଗର ବିପୁଳ ଅଭିବୃଦ୍ଧିର ସକ୍ଷମତା ରହିଛି ଯେ, ସେମାନେ ଅଭିବୃଦ୍ଧି ଓ ନିଯୁକ୍ତି ପାଇଁ ନୂତନ ଓ ବିକଶିତ ସୁଯୋଗଗୁଡ଼ିକ ସୃଷ୍ଟି କରିପାରିବେ ।

**ଶ୍ରୀଯୁକ୍ତ ରଜନୀଶ କୁମାର, ବରିଷ୍ଠ ଉପ ସଭାପତି ତଥା ମୁଖ୍ୟ କର୍ପୋରେଟ୍ ଆଫେଆର୍ ଆଧିକାରୀ, ଫ୍ଲିପ୍‌କାର୍ଟ** କହିଛନ୍ତି, *"ଏକ ହୋମ୍‌ଗ୍ରୋନ୍ କମ୍ପାନୀ ଭାବରେ ଫ୍ଲିପ୍‌କାର୍ଟ ଏହା ବୁଝିଥାଏ ଯେ, ଏକ ଶକ୍ତିଶାଳୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଭାରତର ଅର୍ଥନିତି ବୃଦ୍ଧିରେ ସିଧାସଳଖ ଭାବେ କିପରି ସିଧାସଳଖ ଯୋଗଦାନ କରିପାରିବ ଏବଂ ଦେଶ ସାରା ଲୋକମାନଙ୍କ ପାଇଁ କିପରି ବିପୁଳ ପରିମାଣର ନିଯୁକ୍ତି ସୁବିଧା ସୃଷ୍ଟି କରିପାରିବ । ଆମେ କ୍ଷୁଦ୍ର ବ୍ୟବସାୟ ଓ ଉଦ୍ୟୋଗୀମାନଙ୍କୁ ନୂତନତା, ପ୍ରଯୁକ୍ତି, ପ୍ୟାନ୍ ଇଣ୍ଡିଆ କ୍‌ଟମର୍ ବେସ୍‌ମାନଙ୍କ ମଧ୍ୟରେ ସେମାନଙ୍କ ଉତ୍ପାଦଗୁଡ଼ିକର ମାର୍କେଟିଂ ନିମନ୍ତେ ଆବଶ୍ୟକୀୟ ତାଲିମ ଆଦି କ୍ଷେତ୍ରରେ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଏବଂ ଆମେ ଏମ୍‌ଏସ୍‌ଏମ୍‌ଇ ଓ ରାଜ୍ୟ ସରକାରଙ୍କ ସହିତ ସହବନ୍ଧିତା କରିବା ପାଇଁ ଆଗକୁ ଦୃଷ୍ଟି ଦେଉଛୁ । ଏହା ସହିତ ଆମେ ସେମାନଙ୍କୁ ଇ-କମର୍ସ ଫୋଲ୍ଡ ମଧ୍ୟକୁ ସ୍ୱାଗତ କରୁଛି । ଏହି କର୍ମଶାଳା  ଗାଣତାନ୍ତ୍ରୀକ ଓ ସ୍ୱତନ୍ତ୍ର ଇ-କମର୍ସ ବଜାର ସୃଷ୍ଟି କରିବା ନିମନ୍ତେ ଆମର ଏକ ପ୍ରଚେଷ୍ଟା ।"*

*ଶ୍ରୀ. ଜେକେ ରଥ, ଚେୟାରମ୍ୟାନ, ଫିକି ଏମଏସଏମଇ କମିଟି (ଓଡ଼ିଶା ଚାପ୍ଟର) ତାଙ୍କର ସମଗ୍ର ଅଭିଭାଷଣରେ ପ୍ରକାଶ କରିଛନ୍ତି ଯେ, ''ସମଗ୍ର ଦେଶରେ ଏବଂ ବିଶେଷ କରି ଭୁବନେଶ୍ୱରରରେ ବର୍ଦ୍ଧିତ ଆଧୁନିକ ଅର୍ଥନୀତିରେ ଏମଏସଏମଇର ବିକାଶକୁ ସମର୍ଥନ କରିବା ପାଇଁ ଏଭଳି ଏକ କର୍ମଶାଳା ଆୟୋଜନ ପାଇଁ ଫ୍ଲିପକାର୍ଟ ଗ୍ରୁପ ସହିତ ସହବନ୍ଧନ କରି ଫିକି ବେଶ ଆନନ୍ଦିତ । ଯାହାର ଲକ୍ଷ୍ୟ ହେଉଛି ଇ-କମର୍ସରେ ଏମଏସଏମଇର ବିକାଶ ଏବଂ ସଫଳତାକୁ ତ୍ୱରାନ୍ୱିତ କରିବା । ଯେହେତୁ ଏମଏସଏମଇଗୁଡ଼ିକ ରାଜ୍ୟର ଆର୍ଥନୀତିକ ବିକାଶର ମାନଦଣ୍ଡ, ଇ-କମର୍ସର ବର୍ଦ୍ଧିତ ପ୍ଲାଟଫର୍ମ ସେମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ବିଶ୍ୱସ୍ତରରେ ସର୍ବ- ଭାରତୀୟର ସଂପ୍ରସାରଣ ମଧ୍ୟ କରିପାରିବ ।
''*

*ଶ୍ରୀ. ୟୁ.ଏନ. ଦାଶ, ଅତିରିକ୍ତ ସଚିବ, ଏମଏସଏମଇ ବିଭାଗ, ଓଡ଼ିଶା ସରକାର, -ଏମଏସଏମଇ ଏବଂ ଗ୍ରାମୀଣ କାରିଗରଙ୍କୁ ସେମାନଙ୍କ ଉତ୍ପାଦକୁ ଅନଲାଇନ ବିକ୍ରୟ ଏବଂ ବୃହତ ଗ୍ରାହକଙ୍କ ନୀକଟରେ ପହଞ୍ଚ ପାଇଁ ଏହି ସୁଯୋଗ ସୃଷ୍ଟି କରିଥିବାରୁ ଫିକି ଓ ଫ୍ଲିପକାର୍ଟକୁ କୃତଜ୍ଞତା ଜଣାଇଛନ୍ତି । ଯେହେତୁ ଓଡ଼ିଶାରେ ଏମଏସଏମଇର ଅଧିକାଂଶତଃ ଅଭିଯୋଗ ଉତ୍ପାଦର ମାର୍କେଟିଙ୍ଗ ଏବଂ ଧାରଣାକୁ ନେଇ ରହିଥାଏ , ଫ୍ଲିପକାର୍ଟ ଦ୍ୱାରା ଇ-କମର୍ସର ଫୋରମ ବେଶ ଲାଭଦାୟୀ ହେବ*

। ଓଡ଼ିଶା ସରକାର ଫିକିର ହସ୍ତକ୍ଷେପ ମାଧ୍ୟମରେ ଫ୍ଲିପକାର୍ଟ ସହିତ ଏମଏସଏମଇ ଲିଙ୍କେଜର ପ୍ରୋତ୍ସାହନ ପାଇଁ ଆବଶ୍ୟକୀୟ ଯେକୌଣସି ନିୟାମକ ଏବଂ ପଲିସିକୁ ମଞ୍ଜୁରୀ ପ୍ରଦାନ କରିବେ ।’’

ଶ୍ରୀ.କେ.କେ ବାରିକ, ଡେପୁଟି ସିଇଓ ଓରମାସ, ଓଡ଼ିଶା ସରକାର ସୂଚନା ଦେଇଛନ୍ତି ଯେ ଗ୍ରାମୀଣ କାରିଗରଙ୍କର ଉତ୍ପାଦର ବିପଣନ ପାଇଁ କିଛି ଇ-କମର୍ସ ସଂଗଠନଗୁଡ଼ିକ ସହିତ ସହବନ୍ଧନ କରିବା ପାଇଁ ସରକାରୀ ସ୍ତରରେ ଏକ ପ୍ରକ୍ରିୟା ଜାରି ରହିଛି । ଗ୍ରାମୀଣ କାରିଗରଙ୍କର, ସମଗ୍ର ରାଜ୍ୟର କ୍ଷୁଦ୍ର ଉଦ୍ଦ୍ୟୋଗୀଙ୍କର ଏକ ବିଶାଳ ପହଞ୍ଚ ଫ୍ଲିପକାର୍ଟ ଇ-କମର୍ସ ନେଟୱର୍କକୁ ଯୋଡ଼ି ହୋଇପାରିବ ।’’

**About Flipkart Group**

The Flipkart Group is one of India’s leading digital commerce entities and includes group companies Flipkart, Myntra, and PhonePe. Launched in 2007, Flipkart has enabled millions of consumers, sellers, merchants and small businesses to be a part of India’s e-commerce revolution. With a registered customer base of over 200 million, offering 150 million products across 80+ categories, Flipkart is known for pioneering services such as Cash on Delivery, No Cost EMI and easy returns – customer-centric innovations that have made online shopping more accessible and affordable for millions of Indians. Together with Myntra, which holds a prominent position in the online fashion market, and PhonePe, India’s fastest growing digital payments platform, the Flipkart Group is steering the transformation of commerce in India through technology.

For more information contact: **media@flipkart.com**

**About FICCI**

Established in 1927, FICCI is the largest and oldest apex business organisation in India. Its history is closely interwoven with India's struggle for independence, its industrialization, and its emergence as one of the most rapidly growing global economies. A non-government, not-for-profit organisation, FICCI, provides a platform for networking and consensus building within and across sectors and is the first port of call for Indian Industry including MSMEs, policy makers and the international business community.

MSME Sector has always been the priority for FICCI and in December 2013 FICCI established the Confederation of MSMEs (CMSME) which is an affiliated body to FICCI. FICCI-CMSME is a dedicated body

to provide a one stop organization to work closely with the MSME sector. The mission is to Empower MSMEs. FICCI-CMSME, as a pan India body, endeavours to play an active role as an aggregator for developing MSME capabilities in various aspects of their business. CMSME plays an active role in generating holistic grid to connect MSMEs with mentors, incubators and accelerators and assist MSMEs through capacity building programs and services.